# ଛତାଗଡ଼ ସୁରକ୍ଷା ପରିଷଦ ଗଠିତ

**ରେଢାଖୋଲ, ୩୦।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତରେ ସୋମବାର ଦିନ ବିଭିନ୍ନ ଗ୍ରାମରୁ ସଚେତନ ବ୍ୟକ୍ତି ଓ ଯୁବ ଗୋଷ୍ଠୀଙ୍କୁ ନେଇ



ଛତାଗଡ଼ ସୁରକ୍ଷା ପରିଷଦ ଗଠନ ହୋଇଯାଇଛି। ପତ୍ନ ତଥ୍ୟ ବିଭାଗ ଗବେଷକମାନଙ୍କ ଦ୍ୱାରା ପ୍ରଥମ ସର୍ବେକ୍ଷଣରେ ହଜାର ହଜାର ବର୍ଷ ତଳର ବେତଗଡ଼ ଗ୍ରାମ ସମେତ ଛତାଗଡ଼ ପାଦ ଦେଶରେ ବିଭିନ୍ନ ସ୍ଥାନମାନଙ୍କରେ ଲୌହ ଶିଳ୍ପ ଥିବାର ପ୍ରମାଣକୁ ଲୋକଲୋଚନକୁ ଆଣିଥିଲେ। ଏହି ଲୌହ ଶିଳ୍ପର ସୁରକ୍ଷା, ଶୈଳଚିତ୍ର ଏବଂ ଶୈଳାଶ୍ରୟର ସୁରକ୍ଷାକୁ ନେଇ ଛତାଗଡ଼ ସୁରକ୍ଷା ପରିଷଦ ଗଠନ ହୋଇଛି। କମିଟିର ଆବାହକ ତଥା ସଭାପତି ଭାବରେ ଅଜୟ କୁମାର ସାହୁ ଓ ସମ୍ପାଦକ ଅରୁଣ ପ୍ରଧାନ, ଉପସଭାପତି ଶୁଭ ପୃଷ୍ଟି, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, କୋଷାଧ୍ୟକ୍ଷ ପ୍ରିତମ ପ୍ରଧାନ ପ୍ରମୁଖଙ୍କୁ ଚୟନ କରାଯାଇଛି। ସେହିପରି ସାମାଜିକ କର୍ମୀ ରମେଶ ପ୍ରସାଦ ସ୍ୱାଇଁ ଓ ସମ୍ବାଦିକ ପ୍ରସନ୍ନ କୁମାର ପ୍ରଧାନ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ଯୁଗଳ ପ୍ରଧାନ, ଦୁଃଶାସନ ପ୍ରଧାନ, ଅମିତ ସାହୁ, ମାନସ ସିଂ ଚୟନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚରଣ ପ୍ରଧାନ, ବିକାଶ ବଘାର ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମାଁ ସମଲେଇଙ୍କ ପୀଠରେ ମହାଜଳାଭିଷେକ ପ୍ରସ୍ତୁତି

**ବରଗଡ଼, ୩୦।୩(ସମିସ):** ବରଗଡ଼ର ଅଧିଷ୍ଠାତ୍ରୀ ମାଁ ସମଲେଇଙ୍କ ପୀଠରେ ଆଗାମୀ ଏପ୍ରିଲ ୧ରେ ମହାଜଳାଭିଷେକ ହେବ। ପରମ୍ପରା ଅନୁଯାୟୀ ଚୈତ୍ର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ତିଥିରେ ମାଁଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ରୀତିନୀତି ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରାତଃ ୪.୫୧ରୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ମାଁଙ୍କୁ ଶୀତଳଧାରା ଅର୍ପଣ କରାଯିବ। ମାଁଙ୍କୁ ମହାସ୍ନାନ କରାଯିବା ସହ ଶୀତଳଧାରା ଅର୍ପଣ ପୂର୍ବକ ମହାଜଳାଭିଷେକ ସମ୍ପନ୍ନ ହେବ। ଏହା ପରେ ମାଁଙ୍କ ନିକଟରେ ଲାଗି ହୋଇଥିବା ମହାଭୋଗ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯିବ। ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ଓ ଜନକଲ୍ୟାଣ ଉଦ୍ଦେଶ୍ୟରେ ଚଣ୍ଡୀହୋମର ଆୟୋଜନ କରାଯାଇଛି। ସକାଳ ୭.୨୨ରେ ହୋମ ଏବଂ ପୂର୍ଣ୍ଣାହୂତି ଦିବା ୧୨.୧୦ରେ ହେବ।

## ପକ୍ଷୀଙ୍କ ପାଇଁ ଖାଦ୍ୟ ଓ ପାଣି ବ୍ୟବସ୍ଥା

# ପ୍ରକୃତି ଓ ପରିବେଶର ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ

**ଝାରବନ୍ଧ, ୩୦।୩(ସମିସ)**

ଗ୍ରୀଷ୍ମ ଋତୁର ପ୍ରଖରତା ଦିନକୁ ଦିନ ବଢୁଥିବା ବେଳେ ଅଞ୍ଚଳର ନଦୀ ଓ ନାଳାଗୁଡିକ ଶୁଖିବାରେ ଲାଗିଛି। ଏହା ଉପରେ ଜଙ୍ଗଲରେ ଲାଗୁଥିବା ନିଆଁ ପରିସ୍ଥିତିକୁ ଆହୁରି ଗମ୍ଭୀର କରିଛି। ମାନବୀୟ ଅବହେଳାର କୁପରିଣାମ ପଶୁପକ୍ଷୀଙ୍କୁ ଭୋଗିବାକୁ ହେଉଛି। ଜଙ୍ଗଲର ପଶୁପକ୍ଷୀ ଖାଦ୍ୟ ଓ ପାଣିର ତୀବ୍ର ଅଭାବରେ ପଡ଼ିଛନ୍ତି। ବନାଞ୍ଚଳରେ ପ୍ରାକୃତିକ ଜଳସ୍ରୋତ ଓ ପୋଖରୀର ଅଭାବ ଥିବାରୁ ଜୀବଜନ୍ତୁମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ପଶୁପକ୍ଷୀମାନେ ପାଣି ପାଇଁ ଗାଁ ମୁହାଁ ହେଉଥିବା ଦେଖାଯାଉଛି। ଏହା ମାନବ-ପଶୁ ସଂଘର୍ଷର ଆଶଙ୍କାକୁ ମଧ୍ୟ ବଢ଼ାଇ ଦେଇଛି। ଏହି ଗୁରୁତର ପରିସ୍ଥିତିରେ ପକ୍ଷୀ ମାନେ ବିଦ୍ୟାଳୟକୁ ଆସୁଥିବାର ଦେଖି ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଗୌଡମାଳ କ୍ଲଷ୍ଟରର ସିଆରସିସି ପୁରନ୍ଦର କୁମ୍ଭାରଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁର୍ମାରେ ପକ୍ଷୀମାନଙ୍କ ପାଇଁ ପିଇବା ପାଣି ଓ ଖାଦ୍ୟର ବିଶେଷ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବିଦ୍ୟାଳୟ ପରିସରରେ ବିଭିନ୍ନ ସ୍ଥାନରେ ୨୦ଟି ପାଣିର ମାଟିପାତ୍ର ରଖାଯିବା ସହିତ ୨୦ଟି ପାତ୍ରରେ ଧାନ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ବ୍ୟବସ୍ଥା କରାଯାଇଛି।



ଫଳରେ ପକ୍ଷୀମାନେ ସହଜରେ ଖାଦ୍ୟ ଓ ପାଣି ଟିକେ ପାଇ ପାରୁଛନ୍ତି। ଶିକ୍ଷକ ଓ ଛାତ୍ରଛାତ୍ରୀ ସକ୍ରିୟ ସହଭାଗୀ ହୋଇ, ପ୍ରକୃତି ପ୍ରତି ଦାୟିତ୍ୱବୋଧର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ପଦକ୍ଷେପ ଅନ୍ୟ ସ୍ଥାନରେ ମଧ୍ୟ ନିଆଯାଇ ପାରିଲେ ପକ୍ଷୀମାନେ ଖରାଦିନେ ଅନେକ ସୁବିଧା ପାଇପାରିବେ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ପ୍ରକୃତି ଓ ପରିବେଶର ସୁରକ୍ଷା କେବଳ ସରକାରର କର୍ତ୍ତବ୍ୟ ନୁହେଁ ଏହା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ଛୋଟ ଛୋଟ ପଦକ୍ଷେପ ମଧ୍ୟ ବଡ ପରିବର୍ତ୍ତନ ଆଣିପାରେ। କୁର୍ମା ବିଦ୍ୟାଳୟର ଏହି ପଦକ୍ଷେପ ଏକ ପ୍ରେରଣାଦାୟକ ଅଟେ। ବିଦ୍ୟାଳୟ ମନ୍ତ୍ରୀ ମଣ୍ଡଳର ମୁଖ୍ୟମନ୍ତ୍ରୀ ଯୋଗେନ୍ଦ୍ର କଲେତ, ପରିବେଶ ମନ୍ତ୍ରୀ ବିକାଶ ବାରିକ, ପ୍ରଧାନଶିକ୍ଷକ ଶରତ ସାହୁଙ୍କ ପ୍ରତ୍ୟହ ଖାଦ୍ୟ ଏବଂ ପାନୀୟ ଜଳ ପାତ୍ରରେ ଭର୍ତ୍ତି କରିବା କାର୍ଯ୍ୟ ବାସ୍ତବରେ ଉଦାହରଣ ସାଜିଛି। ଏହି କାର୍ଯ୍ୟରେ ସହକାରୀ ଶିକ୍ଷକ ସୂର୍ଯ୍ୟମଣି ଧରୁଆ, ପରମେଶ୍ୱର ବରିହା, ଶିକ୍ଷୟିତ୍ରୀ ଶୋଭାଗିନୀ ବରିହା ମଧ୍ୟ ସହଯୋଗ କରିଛନ୍ତି। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ସିଆରସିସି ଏବଂ ପ୍ରଧାନଶିକ୍ଷକଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ପ୍ରତ୍ୟୋକ ବିଦ୍ୟାଳୟରେ ଏଭଳି ବ୍ୟବସ୍ଥା କରିବା ପାଇଁ ଶିକ୍ଷା ବିଭାଗ ଦ୍ୱାରା ଆବଶ୍ୟକ ପଦକ୍ଷେପ ହେବ ବୋଲି କହିଛନ୍ତି।

# ପ୍ରତାରକ ଯୁବକ ଗିରଫ

**କୁଚିଣ୍ଡା, ୩୦।୩(ସମିସ):** ବାମରା ବ୍ଲକ ଗଡ଼ପୋଷ( କୁଲିପଡ଼ା) ନିବାସୀ ସୌକିଲାଲ ମିରିଗଙ୍କ ପୁଅ ଗୋପାଳ କୃଷ୍ଣ ମିରିଗ(୨୨)ଙ୍କୁ ଜନୈକ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣ କରିବା ଅଭିଯୋଗରେ ଗୋବିନ୍ଦପୁର ପୁଲିସ ଗିରଫ କରିଛି।ଅଭିଯୋଗ ଅନୁସାରେ ଆରୋପୀ ଗୋପାଳ କୃଷ୍ଣ ବାମରା ବ୍ଲକ ବୃବୁଡା(ମହୁଲଡିହି) ଗ୍ରାମର ଜନୈକା ୨୧ ବର୍ଷୀୟା ଯୁବତୀ ସହ ମୋବାଇଲରେ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ଗତ ୨୦୨୨ ମସିହା ପରଠାରୁ ସେମାନେ ଦୁହେଁ ଚିହ୍ନା ପରିଚିତ ହେବା ପରେ ଗୋପାଳ କୃଷ୍ଣ ଯୁବତୀକୁ ବିବାହ କରିବି ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀ ଜଣକ ବାରମ୍ବାର ବିବାହ କରିବାକୁ ନେହୁରା ହେଉଥିବା ବେଳେ ବିଭିନ୍ନ ବାହାନା ଦେଖାଇ ଅଣଦେଖା କରି ଆସୁଥିଲା। ଏହାକୁ ନେଇ ଗତ ୬ ମାସ ଆଗରୁ ଯୁବତୀ ଥାନାର ଦ୍ୱାରସ୍ଥ ହେବାରୁ, ପ୍ରେମିକ ନିଜର ଭୁଲ ସ୍ୱୀକାର କରି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଚୁକ୍ତିନାମା ମୁତାବକ ୬ ମାସ ପୁରି ଯାଇଥିଲେ ହେଁ, ପ୍ରେମିକ ଜଣକ ବିବାହ କରିବାକୁ ରୋକଠୋକ ମନା କରି ଦେଇଥିଲେ। ଶେଷରେ ପ୍ରେମୀକାଙ୍କ ଅଭିଯୋଗକ୍ରମେ ଗୋବିନ୍ଦପୁର ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଗୋପାଳକୁ ଗିରଫ କରି କୁଚିଣ୍ଡା କୋର୍ଟ ଚାଲାଣ କରିଛି। ଉଭୟଙ୍କ ମେଡିକାଲ ଯାଞ୍ଚ କରାଯାଇଛି।ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ପଦ୍ମାଳୟ ସାହୁ ସୂଚନା ଦେଇଛନ୍ତି।

# ହୀରାକୁଦ ବନ୍ଧକୁ ନେଇ ହୀରାଖଣ୍ଡ ନାଗରିକ ପରିଷଦର ଆଲୋଚନା

**ସମ୍ବଲପୁର, ୩୦।୩ (ସମିସ) :** ହୀରାଖଣ୍ଡ ନାଗରିକ ପରିଷଦର ସଦସ୍ୟମାନେ ଆଜି ହୀରାକୁଦ ନଦୀବନ୍ଧ ମୁଖ୍ୟଯନ୍ତ୍ରୀ ତଥା ଅବବାହିକା ପରିଚାଳକ, ମହାନଦୀ ଅବବାହିକା, ବୁର୍ଲାଙ୍କୁ ସାକ୍ଷାତ କରି ଆଲୋଚନା କରିବାସହ ହୀରାକୁଦ ବନ୍ଧର ସୁରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ମହାନଦୀକୁ ଆଧାର କରି ସରକାରଙ୍କ ପର୍ଯ୍ୟଟନର ବିକାଶ, ସ୍କୁବା ଡାଇଭିଂ, ସୁଃସାହସିକ କ୍ରୀଡ଼ା, ଜଳକ୍ରୀଡ଼ା ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟକୁ ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିଥିବାବେଳେ ହୀରାକୁଦ ବନ୍ଧର ସୁରକ୍ଷା ପାଇଁ କଡ଼ା ଓ ଉପଯୁକ୍ତ ପଦକ୍ଷେପନେବାପାଇଁ ପ୍ରସ୍ତାବ ରଖିଥିଲେ। ରିଙ୍ଗ ବନ୍ଧ ନିର୍ମାଣ ପରେ ମହାନଦୀର ଜଳପଥ ସଂକୁଚିତ ହୋଇଛି ଏବଂ ପୁନଶ୍ଚ ବ୍ୟାରେଜ ନିର୍ମାଣ ଦ୍ୱାରା ଏହା ଆହୁରି ସଂକୁଚିତ ହେବ। ତେଣୁ ହୀରାକୁଦର ନିଷ୍କାସିତ ବନ୍ୟାଜଳ ଦ୍ୱାରା ସମ୍ବଲପୁର ସହର ଭୟଙ୍କର ଭାବରେ ପ୍ରଭାବିତ ହେବ ବୋଲି ପରିଷଦର ସଦସ୍ୟମାନେ ଯୁକ୍ତି ବାଢ଼ିବାସହ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଅତିରିକ୍ତ ସ୍ପିଲୱେ ନିର୍ମାଣ ଏକ ଯୁଗାନ୍ତକାରୀ ଓ ଐତିହାସିକ ପଦକ୍ଷେପ। ହୀରାକୁଦ ବନ୍ଧରୁ ଚାପ କମେଇବା ଓ ବନ୍ଧକୁ ଦୀର୍ଘାୟୁ କରିବା ଯୋଜନା ସ୍ୱାଗତଯୋଗ୍ୟ କିନ୍ତୁ ଏହାଦ୍ୱାରା ସମ୍ବଲପୁର ତଥା ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆ ନଯାଉ ବୋଲି ସଦସ୍ୟମାନେ ମତ ରଖିଥିଲେ। ମୁଖ୍ୟଯନ୍ତ୍ରୀ ଇଂ. ସୁନୀଲ କୁମାର ବେହେରା ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରିଷଦ ପକ୍ଷରୁ ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ. ରବୀନ୍ଦ୍ର ପଣ୍ଡା, ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ. ଯଶୋବନ୍ତ ପରିଡ଼ା, ପୂର୍ବତନ ପ୍ରଶାସକ ସୀତାଂଶୁ ତ୍ରିପାଠୀ, ପ୍ରଫେସର ନନ୍ଦକିଶୋର ଦେବତା, ସୀତାଂଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି

**ଭଟଲି, ୩୦।୩(ସମିସ):** ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥବସା ପ୍ରାଙ୍ଗଣରେ ପରମାନନ୍ଦ ସଙ୍କୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଆୟୋଜିତ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଶୁଭାରମ୍ଭ ହୋଇ ପୂର୍ଣ୍ଣାହୁତି ହୋଇଯାଇଛି। ଗୁରୁବାର ଯଜ୍ଞମଣ୍ଡପରୁ କଳସ ଶୋଭାଯାତ୍ରା ଘଣ୍ଟ, ଶଙ୍ଖ, ସଙ୍କୀର୍ତ୍ତନ, ହରିବୋଲ, ହୁଳହୁଳି ସହିତ ଶ୍ରୀଜିଉଙ୍କ ଆବିର୍ଭାବ ସ୍ଥଳୀ ପବିତ୍ର ଚକ୍ର ପୁଷ୍କରିଣୀରେ ପହଞ୍ଚିଥିଲା। କଳସ ପୂଜାର୍ଚ୍ଚନା ପରେ ପୂର୍ଣ୍ଣଜଳ କଳସଧରି ନଗର ପରିକ୍ରମା କରି ନାମଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏହାପରେ ଦଧିବାମନଙ୍କ ଚଳନ୍ତି ପ୍ରତିମା ରାଧା, କୃଷ୍ଣ, ଲଳିତା ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଶୋଭାଯାତ୍ରାରେ ଯଜ୍ଞମଣ୍ଡପରେ ବିଜେ କରିଥିଲେ। ପୂଜାର୍ଚ୍ଚନା ପରେ ଅଖଣ୍ଡ ନାମାରମ୍ଭ ହୋଇଥିଲା। କର୍ତ୍ତା ଭାବେ ସରୋଜ ସାହୁ ଏବଂ ପତ୍ନୀ ମୀନାକ୍ଷୀ ସାହୁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ସମସ୍ତ ପୂଜାକାର୍ଯ୍ୟ ବାଚସ୍ପତି ରଥ, ରୋହିତ ରଥ ଏବଂ ସବ୍ୟସାଚୀ ରଥ ତୁଲାଇଥିଲେ।

# ମେଧାବୀ ଛାତ୍ରଙ୍କ ସ୍ୱର୍ଣ୍ଣ ପଦକ ହାସଲ

**ଜମନକିରା, ୩୦।୩(ସମିସ):** ଜମନକିରା ବ୍ଲକ ଫାସିମାଲ୍ ହାଇସ୍କୁଲର ପୂର୍ବତନ ଛାତ୍ର ମାସୁମ୍ ଅଙ୍କିତ ପଟେଲ ଉତ୍ତରାଖଣ୍ଡ ରାଜ୍ୟର 'କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ'ର ସ୍ନାତକୋତ୍ତର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଶିକ୍ଷା ମନ୍ତ୍ରୀଙ୍କ ହାତରୁ 'ସ୍ୱର୍ଣ୍ଣ ପଦକ' ହାସଲ କରି ନିଜ ଅଞ୍ଚଳର ଗୌରବ ଆଣିଛନ୍ତି। ପ୍ରକାଶ ଥାଉ କି ପୂର୍ବରୁ ସେ ଫାସିମାଲ ଏମଇ ସ୍କୁଲ୍‌ରେ ପାଠ ପଢ଼ିବା ବେଳେ ଷଷ୍ଠ ଶ୍ରେଣୀରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସମଗ୍ର ଓଡ଼ିଶାରେ ଟପ୍ପର ହୋଇ ତତ୍ କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ଟ୍ରଫି ଓ ମାନପତ୍ର ପାଇଛନ୍ତି।

# ତ୍ରିସ୍ମା ସାହୁ ଶ୍ରୀଲଙ୍କାରେ ଅଣ୍ଡର ୧୭ ହ୍ୟାଣ୍ଡବଲ୍ ପାଇଁ ମନୋନୀତ

**ବିଜେପୁର, ୩୦।୩(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଜାଙ୍ଗିଂ ଗାଁର ସରୋଜ ସାହୁ ଓ ରୀନା ସାହୁଙ୍କ ଝିଅ ତ୍ରିସ୍ମା ସାହୁ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଅଣ୍ଡର ୧୭ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପାଇଁ ଚୟନ ହୋଇ ଅଞ୍ଚଳର ଗର୍ବ ବଢ଼ାଇଛନ୍ତି। ତାଙ୍କ ଏହି ସଫଳତା ପଶ୍ଚିମ ଓଡ଼ିଶା ପାଇଁ ଗୌରବର ବିଷୟ ହୋଇଥିବା ସହ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ସୃଷ୍ଟି କରିଛି। ପବିତ୍ର ପୀଠ ନୃସିଂହନାଥ ମନ୍ଦିର ପରିସରରେ ସହିଦ ମାଧୋସିଂ ଭୂତପୂର୍ବ ସୈନିକ ସଂଘ ପକ୍ଷରୁ ଆୟୋଜିତ ବୈଠକ ଅବସରରେ ତ୍ରିସ୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅତିଥିମାନେ ତାଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଅନରାରୀ କ୍ୟାପଟେନ ନବୀନ ପଧାନ ତ୍ରିସ୍ମାଙ୍କ ସଫଳତା ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ। ଆଗାମୀ ଏପ୍ରିଲ ୨୪ରୁ ୨୮ ପର୍ଯ୍ୟନ୍ତ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ୫ଦିନିଆ ମ୍ୟାଚ୍‌ରେ ସେ ଅଂଶଗ୍ରହଣ କରିବେ ବୋଲି ତ୍ରିସ୍ମାଙ୍କ ବାପା ସରୋଜ ପ୍ରକାଶ କରିଛନ୍ତି।



# କୁଦୋପାଲିକୁ ନେଇ ଜାତୀୟ ସମ୍ମାନ ଉଦ୍‌ଯାପିତ

**ସମ୍ବଲପୁର, ୩୦।୩ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଏବଂ ଓଡ଼ିଶା ଗବେଷଣା କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏବଂ ନୂଆଦିଲ୍ଲୀର ଭାରତୀୟ ଐତିହାସିକ ଗବେଷଣା ପରିଷଦର ଆର୍ଥିକ ଅନୁଦାନରେ ଆୟୋଜିତ '୧୮୫୭ର ଭୁଲିଯାଇଥିବା ଜ୍ୱାଳା : କୁଦୋପାଲିର ଅନାଲୋଚିତ କାହାଣୀ' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଆଜି ଉଦ୍‌ଯାପିତ ହୋଇଯାଇଛି। ସମ୍ମାନରେ '୧୮୫୭ର ଭୁଲିଯାଇଥିବା ଅଗ୍ନି: କୁଦୋପାଲିର ଅକଥିତ କାହାଣୀ' ବିଷୟବସ୍ତୁ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା ଏବଂ ଏହା ଓଡ଼ିଶା ଗବେଷଣା କେନ୍ଦ୍ର ସହିତ ସହଯୋଗରେ ଇତିହାସ ସ୍କୁଲ ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଭାରତୀୟ ଐତିହାସିକ ଗବେଷଣା ପରିଷଦ, ନୂଆଦିଲ୍ଲୀର ପ୍ରାୟୋଜକତା ମଧ୍ୟ ସାମିଲ ଥିଲା। ଛତିଶଗଡ଼, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ବିଦ୍ୱାନମାନଙ୍କ ସହିତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜର ଛାତ୍ର ଏବଂ ଗବେଷକମାନେ ଏହି ସମ୍ମାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିନରେ, ପଶ୍ଚିମ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଐତିହ୍ୟର ବିବିଧ ଦିଗଗୁଡ଼ିକୁ ସମ୍ବୋଧିତ କରି ଏବଂ ଆଞ୍ଚଳିକ ଇତିହାସ ପୁନଃନିର୍ମାଣରେ ପରମ୍ପରା ଜ୍ଞାନ ପ୍ରଣାଳୀର ଗୁରୁତ୍ୱ ଉପରେ ୧୫ଟି ଗବେଷଣା ପତ୍ର ଉପସ୍ଥାପନ କରାଯାଇଥିଲା।

ଉଦ୍‌ଯାପନୀ ଅଧିବେଶନରେ ଭାରତୀୟ ଇତିହାସ ଗବେଷଣା ପରିଷଦ, ନୂଆଦିଲ୍ଲୀର ସଦସ୍ୟ ପ୍ରଫେସର ହରିହର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କମ୍ ଜଣାଶୁଣା ଐତିହାସିକ କାହାଣୀକୁ ଲୋକଲୋଚନକୁ ଆଣିବାରେ ଏପରି ଶିକ୍ଷାଗତ ପଦକ୍ଷେପର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପଶ୍ଚିମ ଓଡ଼ିଶା ପ୍ରାଚୀନ ସଂସ୍କୃତି ଏବଂ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ପ୍ରତିନିଧିତ୍ୱ କରେ, ବିଶେଷକରି ଉପର ମହାନଦୀ ଉପତ୍ୟକାର ସମୃଦ୍ଧିକୁ ଆଲୋକପାତ କରିଥାଏ। କୁଦୋପାଲିର ଅନେକ ଅନାବିଷ୍କୃତ ଦିଗ ଉପରେ ମଧ୍ୟ ସେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପତିତ ପାବନ ମିଶ୍ର ଇତିହାସ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଆଞ୍ଚଳିକ ଇତିହାସ ଉନ୍ମୋଚନ କରିବାରେ ନିରନ୍ତର ଗବେଷଣା ଏବଂ ଶୈକ୍ଷିକ ନିୟୋଜିତତାକୁ ଉତ୍ସାହିତ କରିଥିଲେ। ସମ୍ମାନ ସଂଯୋଜକ ଡକ୍ଟର ଅତୁଲ କୁମାର ପ୍ରଧାନ ସମ୍ମାନରେ ସାରାଦେଶରୁ ଆସିଥିବା ନିମନ୍ତ୍ରିତ ସାଧନ ବ୍ୟକ୍ତି ଏବଂ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। ସହ-ସଂଯୋଜିକା ଡ. ସସ୍ମିତାରାଣୀ ଶାସନୀ ଶୈକ୍ଷିକ କାର୍ଯ୍ୟାବଳୀ ସମୀକ୍ଷା କରିଥିଲେ। ଶେଷରେ ଅଧ୍ୟାପକ ଅଞ୍ଜଳି ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଅଷ୍ଟପ୍ରହର ନାମଯଜ୍ଞ ଶୁଭସ୍ତମ୍ଭ ସ୍ଥାପନ

**ପଦ୍ମପୁର, ୩୦।୩(ସମିସ):** ପଦ୍ମପୁର ବ୍ଲକ ଅଧୀନ ସର୍କଟପାଲି (ଭେଉଁରିଆ) ଗାଁରେ ଏପ୍ରିଲ୍ ୧୩ରୁ ୧୫ ପର୍ଯ୍ୟନ୍ତ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହେବ। ଏନେଇ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ନାମଯଜ୍ଞର ଯଜ୍ଞକର୍ତ୍ତା ଭାବେ ଚଳିତ ବର୍ଷ ମଦନ ମୋହନ ମେହେର ଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳୀ ମେହେର କାର୍ଯ୍ୟନିର୍ବାହ କରୁଥିବା ବେଳେ ପୂଜକ ଭାବେ ହିତେନ୍ଦ୍ର ମିଶ୍ର କାର୍ଯ୍ୟ ସମ୍ପାଦନ କରିବେ। ଶ୍ରଦ୍ଧାଳୁଙ୍କ ପାଇଁ ଖରାକୁ ଦୃଷ୍ଟିରେ ରଖି ଥଣ୍ଡା ପାନୀୟ ଜଳ ଓ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିବା ସଭାପତି ରୋଶନ ବରିହା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମ୍ପାଦକ ଛବିଳ କାରେଙ୍କ ସମେତ ଅଶୋକ ମେହେର, ଶବିର ରଣା, ଦେବାର୍ଚ୍ଚନ ଭୋଇ, ଛବିଲ ବରିହା, ଅନ୍ତର୍ଯାମୀ ମେହେର, ମନ ସାହୁ, ଚିତ୍ତ ବରିହା, ଯଶୋ ମେହେର, ଧନମତି ଭୋଇ, ସଞ୍ଜୁକ୍ତା ମେହେର, ଚନ୍ଦ୍ରାବତୀ ବରିହା ଓ ଲୋଭାବତୀ ମେହେର ଆଦି ସଦସ୍ୟମାନେ ସହଯୋଗ କରୁଛନ୍ତି।



# ୨ରେ ନୌକାଚାଳନା ପ୍ରତିଯୋଗିତା

**ସମ୍ବଲପୁର, ୩୦।୩ (ସମିସ) :** ହାଟପଦାସ୍ଥିତ ବୀର ବଜରଙ୍ଗ ସଂଘ ଏବଂ କୈବର୍ତ୍ତ ସମାଜ ମିଳିତ ଆନୁକୂଲ୍ୟରେ ଆସନ୍ତା ୨ ତାରିଖ ଚୈତ୍ର ପୂର୍ଣ୍ଣିମା ଅବସରରେ ତୃତୀୟ ମାନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିଯୋଗିତା ପରେ




ରାମାୟଣର 'କୈବର୍ତ୍ତ ପ୍ରସଙ୍ଗ' ଉପରେ ଏକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କ୍ରୀଡ଼ା ସହ ମନୋରଞ୍ଜନ ଏବଂ 'ସ୍ୱଚ୍ଛ ମହାନଦୀ' ବାର୍ତ୍ତା ନେଇ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି।

ଆଜି ପୂର୍ବାହ୍ନରେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆୟୋଜିତ ସମ୍ମିଳନୀରେ ସଂଘ ସଭାପତି ଦିଲୀପ ସାହୁ କହିଲେ ଯେ, ମହାନଦୀର ଅଯୋଧ୍ୟା ସରୋବର ଘାଟଠାରେ ଆସନ୍ତା ୨ ତାରିଖ ଅପରାହ୍ଣ ୩ଟାରୁ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ସୋନପୁର, ବିନିକା, ବୌଦ୍ଧ, ହରଭଙ୍ଗା, ଧମା, ବୀରମହାରାଜପୁର ତଥା ସମ୍ବଲପୁର ସହରର ବିଭିନ୍ନ ପଡ଼ାରୁ ପ୍ରାୟ ୯୦ ଜଣ ପ୍ରତିଯୋଗୀ ବା ୪୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତି ଦଳରେ ଦୁଇଜଣ ରହିବାକୁ ନିୟମ ରହିଛି। ପାରମ୍ପରିକ ଢଙ୍ଗାରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ସମସ୍ତ ଦଳକୁ ତିନୋଟି ବିଭାଗରେ ବିଭକ୍ତ କରି ପ୍ରତି ବିଭାଗର ପ୍ରଥମ ତିନୋଟି କୃତକାର୍ଯ୍ୟ ଦଳକୁ ନେଇ ୯ଟି ଦଳ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଅବସରରେ ଆକର୍ଷଣୀୟ ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରଥମ ସ୍ଥାନ ହାସଲ କରିଥିବା ଦଳକୁ ୧୧, ୦୦୦ ଟଙ୍କା, ଦ୍ୱିତୀୟ ଦଳକୁ ୭, ୧୦୦ ଟଙ୍କା, ତୃତୀୟ ଦଳକୁ ୫, ୧୦୦ ଟଙ୍କା ଏବଂ ଚତୁର୍ଥ ସ୍ଥାନ ପାଇଁ ୩, ୧୦୦ ଟଙ୍କା ସହ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀକୁ ବବଲୁ ବାଗ ସଂଯୋଜନା କରିଥିବାବେଳେ ବୀର ବଜରଙ୍ଗ ସଂଘ ସମ୍ପାଦକ ସୋମନାଥ ସେଠ, ରେଫରୀ ଦିଲୀପ ଜେନା, ରାଜା ବରାଳ, କୈବର୍ତ୍ତ ସମାଜର କିରଣ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଶ୍ୱଜିତ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଝାରସୁଗୁଡ଼ା ବିମାନ ବନ୍ଦରରୁ ଆରମ୍ଭ ହେବ କାର୍ଗୋ ସେବା

**ଝାରସୁଗୁଡ଼ା, ୩୦।୩(ସମିସ):** ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଖୁବଶୀଘ୍ର କାର୍ଗୋ ବା ପଣ୍ୟ ପରିବହନ ସେବା ଆରମ୍ଭ ହେବାକୁ ଯାଉଛି। ସୋମବାର ବିମାନବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱର ସ୍ଥିତ ବ୍ୟୁରୋ ଅଫ୍ ସିଭିଲ୍ ଆଭିଏସନ୍ ସିକ୍ୟୁରିଟିର ଆଞ୍ଚଳିକ ନିର୍ଦ୍ଦେଶକ ଜେପି ବାକ୍ସଲାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ବିମାନବନ୍ଦରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଏହି ଟିମ୍‌ରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ, ଗୁପ୍ତଚର ସଂସ୍ଥା ଏବଂ ବିଭିନ୍ନ ବିମାନ ସେବା ପ୍ରଦାନକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। କମିଟି ପକ୍ଷରୁ ବିମାନବନ୍ଦରର ପାସେଞ୍ଜର ଟର୍ମିନାଲ୍ ଜରିଆରେ କାର୍ଗୋ ପରିବହନର ସମ୍ଭାବ୍ୟତା ଉପରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ କାର୍ଗୋ ସେବା ଛୋଟ ଆକାରରେ ଆରମ୍ଭ ହେବ ଏବଂ ସେଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ବିମାନବନ୍ଦର ନିର୍ଦ୍ଦେଶକ ଶ୍ରୀ ଧଉଣ୍ଡିଆ କହିଛନ୍ତି। ବିସିଏଏସ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ସ୍ଥଳ ପରିଦର୍ଶନ କରାଯାଇଛି। ଖୁବଶୀଘ୍ର ଆବଶ୍ୟକୀୟ ଅନୁମତି ମିଳିଯିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ଭାବେ ସୀମିତ ଭିତ୍ତିଭୂମିକୁ ନେଇ କମ୍ ପରିମାଣର ପଣ୍ୟ ପରିବହନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଚାହିଦା ଅନୁସାରେ ଏହାର ସମ୍ପ୍ରସାରଣ କରାଯିବ। ଏହି ସେବା ଆରମ୍ଭ ହେଲେ ପଶ୍ଚିମ ଓଡ଼ିଶାର ଲଜିଷ୍ଟିକ୍ସ କ୍ଷମତା ବୃଦ୍ଧି ପାଇବା ସହ ସ୍ଥାନୀୟ ଶିଳ୍ପ ଏବଂ ବ୍ୟବସାୟକୁ ଏକ ନୂଆ ଗତି ମିଳିବ ବୋଲି ନିର୍ଦ୍ଦେଶକ ଧଉଣ୍ଡିଆ ପ୍ରକାଶ କରିଛନ୍ତି।

# ପଦ୍ମପୁର ଲାୟନ୍ସ କ୍ଲବ୍‌ର କର୍ମକର୍ତ୍ତା ଚୟନ

## ସୌମ୍ୟଜିତ ପାଢ଼ୀ ନୂତନ ସଭାପତି

**ପଦ୍ମପୁର, ୩୦।୩(ସମିସ):** ଅନ୍ତର୍ଜାତୀୟ ସମାଜସେବୀ ସଂଗଠନ ଲାୟନ୍ସ କ୍ଲବ୍, ପଦ୍ମପୁରରେ ନୂତନ କର୍ମକର୍ତ୍ତା ଚୟନ ଅବସରରେ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ସଭାପତି ପ୍ରୀତମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ଲବ୍‌ର ଭବିଷ୍ୟତ ଯୋଜନା ଓ ସମାଜସେବା ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ମାନଙ୍କୁ ଚୟନ କରାଯାଇଥିଲା। ସୌମ୍ୟଜିତ ପାଢ଼ୀଙ୍କୁ ସଭାପତି, ଶାଶ୍ୱତ ଦାଶଙ୍କୁ ସମ୍ପାଦକ ଏବଂ ରାଜେନ୍ଦ୍ର ମେହେରଙ୍କୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଥିବା ଘୋଷଣା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାକୁ ପିଡିଜି ବେଣୁ ମାଧବ ଦୋରା ପରିଚାଳନା କରିଥିଲେ। ଭିଡିଜି-୨(ନିର୍ବାଚିତ) ମେଜର ଚିତ୍ତରଞ୍ଜନ ଦାଶ ନୂତନ କର୍ମକର୍ତ୍ତା ମାନଙ୍କୁ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭାରେ ଉପସ୍ଥିତ ଅନ୍ୟାନ୍ୟ ସଦସ୍ୟମାନେ ନୂତନ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇ ସମସ୍ତଙ୍କ ଏକତା ଓ ସହଯୋଗ ମାଧ୍ୟମରେ କ୍ଲବ୍‌ର କାର୍ଯ୍ୟକ୍ରମକୁ ଆହୁରି ଶକ୍ତିଶାଳୀ କରିବାକୁ ଆହ୍ୱାନ ଜଣାଇଥିଲେ। ଶେଷରେ କୋଷାଧ୍ୟକ୍ଷ ସଦାନନ୍ଦ ପୁରୋହିତ ଧନ୍ୟବାଦ ଜଣାଇଥିଲେ।




# ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୩୦।୩(ସମିସ):** ବାରକୋଟ ବ୍ଲକ ମଧ୍ୟପୁର ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୫୧ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ମଧ୍ୟରେ ୩୨ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଘରବାରୀ ପଟ୍ଟା, ପାନୀୟ ଜଳ, ଷ୍ଟ୍ରିଟଲାଇଟ, ସୁଭଦ୍ରା ଯୋଜନା ଓ ମେଗା ଲିଫ୍ଟ ଇରିଗେସନରେ ସମସ୍ୟା ଆଦି ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା ଓ ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଆମ୍ବେଦକର ଜୟନ୍ତୀ ପାଇଁ ପ୍ରସ୍ତୁତି



**ବରଗଡ଼, ୩୦।୩(ସମିସ):** ବରଗଡ଼ ସିଭିଲ କୋର୍ଟ ସମ୍ମୁଖରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପରିସରରେ ବରଗଡ଼ ଗଣ୍ଡାସମାଜ ମହାସଂଘ ଦ୍ୱାରା ଆସନ୍ତା ଏପ୍ରିଲ ୧୪ରେ ଆମ୍ବେଦକରଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ଜିଲ୍ଲା ଗଣ୍ଡାସମାଜର ସଭାପତି ଚୈତନ୍ୟ ପାଇକ, ସମ୍ପାଦକ ଧର୍ମରାଜ ବିଭାର, ବରିଷ୍ଠ ସଦସ୍ୟରାଧେଶ୍ୟାମ ଭେଣ୍ଡ୍ରା, ପ୍ରହ୍ଲାଦ ଭେଣ୍ଡ୍ରା, ନିଶିକାନ୍ତ ବାଗ, ସୁରେଶ ମହାନନ୍ଦ, ରୋହିତ ମହାନନ୍ଦ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି ସୁପରଭାଇଜରଙ୍କ ବଦଳି ଦାବିରେ ଧାରଣା

**ରିଆମାଳ, ୩୦।୩(ସମିସ)**



ରିଆମାଳ ବ୍ଲକ ଅଙ୍ଗନବାଡ଼ି ସୁପରଭାଇଜରଙ୍କ ବଦଳି ଦାବିରେ ଅଙ୍ଗନବାଡ଼ି କର୍ମୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦେଉଥିବା ଧାରଣା ସ୍ଥଳକୁ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ପହଞ୍ଚି ବୁଝାସୁଝା କରିଛନ୍ତି। ଆଗାମୀ ୫ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଅଙ୍ଗନବାଡ଼ି ସୁପରଭାଇଜର ପ୍ରଣତି ପ୍ରଧାନ ସମସ୍ତ ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ତାଙ୍କୁ ଅନ୍ୟତ୍ର ବଦଳି କରିବା ଦାବିରେ ବ୍ଲକ ସମ୍ମୁଖରେ ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ସଭାନେତ୍ରୀ ମୀରାବତୀ ଦଳବେହେରାଙ୍କ ନେତୃତ୍ୱରେ ଧାରଣା ହୋଇଥିଲା। ସିଡିପିଓ ତାରାକାନ୍ତି ମହାନନ୍ଦିଆ ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଆଜି ବାଧ୍ୟ ହୋଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଏସଡିପିଓ ରମେଶ ମାହାନା ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପାଇଁ ଆସିଥିଲେ। ସମାଧାନର ରାସ୍ତା ବାହାରି ନଥିବା ବେଳେ ଅଙ୍ଗନବାଡ଼ି କର୍ମୀ ବ୍ଲକରେ ହଟ୍ଟଗୋଳ କରି ନିଜ ଜିଦରେ ଅଟଳ ରହିଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ବିଲୁଙ୍ଗ ସେମାନଙ୍କୁ ବୁଝାସୁଝା କରିବା ପରେ ସିଡିପିଓ ଆନ୍ଦୋଳନକାରୀଙ୍କୁ ବହୁଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ମାନେ ଧାରଣାରୁ ଉଠିଥିଲେ। ସମାଧାନ ନ ହେବା ପର୍ଯ୍ୟନ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା କାର୍ଯ୍ୟ ବନ୍ଦ କରିବେ ବୋଲି କହିଛନ୍ତି।

## ଜିଲ୍ଲାପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଏହାସହ ୫ ଦିନ ମଧ୍ୟରେ ସମାଧାନ ନ ହେଲେ ପୁଣି ଧାରଣା ଦିଆଯିବ ବୋଲି ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ସଭାନେତ୍ରୀ ମୀରାବତୀ ଦଳବେହେରା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ବିଲୁଙ୍ଗଙ୍କ ମତାମତ ଲୋଡ଼ା ଯାଇଥିଲା। ସେ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦେବେ ଏବଂ ଜିଲ୍ଲାପାଳ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

# ବିପଜ୍ଜନକ ଅବସ୍ଥାରେ ଗୋଧନବାହୁଡ଼ା ଓ ଦେଓଗାଁ ସ୍କୁଲ ନିକଟ ମୁକୁଳା ଟ୍ରାନ୍ସଫର୍ମର

**ଝାରସୁଗୁଡ଼ା, ୩୦।୩(ସମିସ):** ରାସ୍ତାକଡରେ ବିପଦ କିନ୍ତୁ ସୁରକ୍ଷାକୁ ନେଇ ବାହାସ୍ଫୋଟ ମାରୁଥିବା ଟାଟା ପାୱାର୍‌ ବିଦ୍ୟୁତ ବିତରଣ କମ୍ପାନୀ ରାସ୍ତା କଡରେ ଥିବା ମୁକୁଳା ଟ୍ରାନ୍ସଫର୍ମରକୁ ନେଇ ନିରବଦ୍ରଷ୍ଟା ସାଜିଛି। ଜିଲ୍ଲା ବ୍ରଜରାଜନଗର ଟିପିଡବ୍ଲ୍ୟୁଓଡିଏଲ ବିଦ୍ୟୁତ ଡିଭିଜନ ଗାନ୍ଧୀଛକ ସେକ୍ସନ ଅଧୀନ ରାଜପୁର ଗାଁ ଗୋଧନବାହୁଡା ରାସ୍ତା କଡ଼ରେ ମୁକୁଳା ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ରାଜପୁର ଗାଁରେ ଅଞ୍ଚଳର ପ୍ରସିଦ୍ଧ ଗୋକୁଳାଷ୍ଟମୀ ଯାତ୍ରା ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ମୁକୁଳା ଟ୍ରାନ୍ସଫର୍ମର ଥିବା ରାସ୍ତା ଦେଇ ଗୋକୁଳାଷ୍ଟମୀ ଯାତ୍ରାରେ ଗୋଧନ ବାହୁଡା ଆୟୋଜିତ ହୋଇଥାଏ। ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମୁକୁଳା ଟ୍ରାନ୍ସଫର୍ମର ପାଖ ଦେଇ ବିପଜ୍ଜନକ ଭାବେ ଯିବାକୁ ହୁଏ। ପୁଣି ରାସ୍ତା ଦେଇ ପ୍ରତିଦିନ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଗମନାଗମନ କରିଥାନ୍ତି। ଏପରିସ୍ଥଳେ ମୁକୁଳା ଟ୍ରାନ୍ସଫର୍ମର ଯୋଗୁଁ ଜନସାଧାରଣଙ୍କ ଜୀବନ ପ୍ରତି ଆସନ୍ନ ଦୁର୍ଘଟଣାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଗାଁର ଜନସାଧାରଣ ଅନୁରୋଧ କରିଛନ୍ତି। ସେହିପରି ଭାବେ ରାଜପୁର ଦେଓଗାଁ ସ୍କୁଲ ସମ୍ମୁଖରେ ମଧ୍ୟ ଏକ ମୁକୁଳା ଟ୍ରାନ୍ସଫର୍ମର ରହିଛି। ଜନସାଧାରଣଙ୍କ ପାଇଁ ଏହା ବିପଦ ସାଜିଥିବା ବେଳେ କୋମଳମତି ଶିଶୁ ନିକଟ ସ୍କୁଲରେ ପାଠ ପଢୁଥିବା କାରଣରୁ ଏହାର ଚାରିପାର୍ଶ୍ୱରେ ପାଚେରୀ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି। ନହେଲେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ। ମୁକୁଳା ଟ୍ରାନ୍ସଫର୍ମର ଗୁଡିକ କାରଣରୁ ଗାଈଗୋରୁଙ୍କ ଜୀବନ ପ୍ରତି ମଧ୍ୟ ସର୍ବଦା ବିପଦ ରହିଛି। ତେଣୁ ଟ୍ରାନ୍ସଫର୍ମର ଚାରିପାଖେ ସୁରକ୍ଷା ପାଚେରୀ ନିର୍ମାଣ ପାଇଁ ଜନସାଧାରଣ ଟିପିଡବ୍ଲ୍ୟୁଓଡିଏଲ ନିଟକରେ ଅନୁରୋଧ କରିଛନ୍ତି।



# ସୁନା ଚୋରି ଘଟଣାରେ ୩ ଗିରଫ

**ଝାରସୁଗୁଡ଼ା, ୩୦।୩(ସମିସ):** ଜିଲ୍ଲା ଓରିଏଣ୍ଟ ଥାନା ପୁଲିସ ପକ୍ଷରୁ ସୁନା ଚୋରି ଅଭିଯୋଗରେ ୨୪ ଘଣ୍ଟା ମଧ୍ୟରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗତ ୨୯ ତାରିଖ ଓରିଏଣ୍ଟ ଥାନାରେ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରାଯାଇ ଓରିଏଣ୍ଟ ଥାନା ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ସୋମବାର ୩ ଜଣ ଅଭିଯୁକ୍ତ ଓରିଏଣ୍ଟ ଥାନା ଅଧୀନ ଗାୟତ୍ରୀନଗରର ରମେଶ ଚୌହାନ (୩୦), ଉମେଶ ଚୌହାନ (୩୦) ଏବଂ ଶାସ୍ତ୍ରୀନଗରର ସୁରଜ ନାଏକ (୨୪)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଓରିଏଣ୍ଟ ପୁଲିସ ତରଫରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତ ମାନଙ୍କ ନିକଟରୁ ସୁନାର ୨ ଯୋଡା କାନଫୁଲ, ୨ଟି ମୁଦି, ୩ଟି ଲକେଟ, ଗୋଟିଏ ମଙ୍ଗଳସୂତ୍ର, ୪ଟି ନାକଫୁଲ ଜବତ କରାଯାଇଛି। ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ମାମଲା ରହିଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ସାରସ୍ୱତ ସାଧକ ଡ.ମାନଭଞ୍ଜନ ପ୍ରଧାନଙ୍କ ଜୟନ୍ତୀ

**ପଦ୍ମପୁର, ୩୦।୩(ସମିସ):** ମହୁଲ ପାଲି ଠାରେ ଅବସ୍ଥିତ ଲୁ ନାଟକ ଆଶ୍ରମ ପରିସରରେ ସୋମବାର ଦିବଙ୍ଗତ ସାରସ୍ୱତ ସାଧକ ଡ.ମାନଭଞ୍ଜନ ପ୍ରଧାନଙ୍କ ଜୟନ୍ତୀ ଗୁରୁ ପ୍ରକାଶନୀ ଓ ତାଙ୍କର ପରିବାରବର୍ଗ ତରଫରୁ ପାଳିତ ହୋଇ ଯାଇଛି। ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଓ ତାଲପଦରର ଖଗେଶ୍ୱର ସାହିତ୍ୟର ପୃଷ୍ଠପୋଷକ ସୋମନାଥ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିଥି ମାନଙ୍କ ସମେତ ଜିତେନ୍ଦ୍ରିୟ ନାଥ ଗୁରୁ, ମନୋଜ ପଣ୍ଡା, ଆଲୋକ ହୋତା, ମୀନକେତନ ସାହୁ, ମନୋରଞ୍ଜନ ସିଂ ବରିହା, ରାଜେନ୍ଦ୍ର ମହାନ୍ତି, ଅଧ୍ୟାପକ ସୁଶାନ୍ତ ମିଶ୍ର, ନାଟ୍ୟକାର ଅଶୋକ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଦିବଙ୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ପରେ 'ସାହିତ୍ୟରେ ପ୍ରତିବାଦୀ ଚେତନା' ପ୍ରସଙ୍ଗ ଉପରେ ଅନୁଷ୍ଠିତ ତୃତୀୟ ସ୍ମାରକୀ ବକ୍ତୃତାରେ ପ୍ରଫେସର ଲୋହିତାକ୍ଷ ଯୋଶୀ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରୀତିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଣ୍ଡି ସମାଜର କାର୍ଯ୍ୟକାରୀ କମିଟି ଓ ମହିଳା ସମିତିର ବୈଠକ



**ବରଗଡ଼, ୩୦।୩(ସମିସ):** ବରଗଡ଼ ଶୁଣ୍ଡି ସମାଜର କାର୍ଯ୍ୟକାରୀ କମିଟି ଓ ମହିଳା ସମିତିର ଯୁଗ୍ମ ବୈଠକ ସ୍ଥାନୀୟ ହୋଟେଲ ଟୁଲି ପ୍ରିମିୟମ ଠାରେ ଉଦ୍ଧବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ରାଜ୍ୟ ପୂର୍ବତନ ଯୁବ ସଭାପତି ତଥା ବରହମପୁର ମହାନଗରର ସଭାପତି ସ୍ୱର୍ଗତ କୁନା ସାହୁଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ବାର୍ଷିକ ସମ୍ମିଳନୀରେ କରାଯାଇଥିବା ଖର୍ଚ୍ଚର ବିବରଣୀ ପ୍ରଦାନ ପରେ ଆସନ୍ତାବର୍ଷ ଜିଲ୍ଲାସ୍ତରୀୟ ସମ୍ମିଳନୀକୁ ଆକର୍ଷଣୀୟ କରାଯିବାକୁ ଆଲୋଚନା କରାଯାଇଥିଲା। ଦୀପମାଳା ସାହୁଙ୍କ ପ୍ରସ୍ତାବ କ୍ରମେ ଏବର୍ଷ ଗ୍ରୀଷ୍ମ ଛୁଟିରେ ରାଜ୍ୟ ତଥା ଦେଶ ବାହାରେ ଅଧ୍ୟୟନ ତଥା ଚାକିରି କରୁଥିବା ଜିଲ୍ଲାର ଯୁବପିଢିଙ୍କର ଏକ ସମାବେଶ କରାଯିବା ପାଇଁ ସ୍ଥିର କରାଗଲା। ସମାବେଶକୁ ଜୋନାଲ ସ୍ତରୀୟ ଓ ରାଜ୍ୟ ସ୍ତରୀୟ କରାଯିବା ପାଇଁ ସମସ୍ତେ ମତପ୍ରକାଶ କରିଥିଲେ। ଜିଲ୍ଲା କାର୍ଯ୍ୟକାରୀ କମିଟିର ସମ୍ପାଦକ ପ୍ରକାଶ ବେହେରା ଓ କୋଷାଧ୍ୟକ୍ଷ ରାଜୁ ଚୌଧୁରୀ ତାଙ୍କ ପଦବୀରୁ ଅବ୍ୟାହତ ନେବାର ଲିଖିତ ସୂଚନା ଦେଇଥିଲେ। ତାଙ୍କ ସ୍ଥାନରେ ସମ୍ପାଦିକା ଭାବେ ରିତା ବେହେରା ଓ କୋଷାଧ୍ୟକ୍ଷ ଭାବେ ଶରତ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ସମ୍ପାଦିକା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଇଁ ପ୍ରସ୍ତୁତି

**ବରଗଡ଼, ୩୦।୩(ସମିସ):** ବରଗଡ଼ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ପର୍ବ ଆସନ୍ତା ଏପ୍ରିଲ ୨ ତାରିଖ ପାଳନ କରାଯିବ। ଏଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୌର ପରିଷଦ ଅଧୀନ ଅମ୍ବାପାଲି ସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଇଓ ବିନୟ ପ୍ରକାଶ ସାୟ, ଏଡିଇଓ ସରୋଜ ଭୁଏ, ଏଡିଇଓ ଅମୃତା ସାହୁ, ଅମ୍ବାପାଲି ଉଚ୍ଚ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ କମିଟି ଅଧ୍ୟକ୍ଷ ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ପର୍ବ ପାଳନ ବିଷୟରେ ବିବରଣୀ ଉପସ୍ଥାପନ କରିଥିଲେ। ସ୍ଥାନୀୟ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାପାଲି ଠାରେ ଏପ୍ରିଲ ୨ରେ କାର୍ଯ୍ୟକ୍ରମ ଆରମ୍ଭ ହେବ। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ଓ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ପ୍ରମୁଖ ଯୋଗ ଦେବେ ବୋଲି ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରଗଡ଼ ବ୍ଲକର ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ସ୍କୁଲ ପରିସରରେ କ୍ରୀଡା ପାଇଁ ସ୍ଥାନ, କଳା ଏବଂ ସୃଜନଶୀଳ ସ୍ଥାନ ଏବଂ ଷ୍ଟୋରି ଟେଲିଂ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଝାରସୁଗୁଡ଼ାରେ ମହାବୀର ଜୟନ୍ତୀ

**ଝାରସୁଗୁଡ଼ା, ୩୦।୩(ସମିସ):** ଜୈନ ଧର୍ମର ୨୪ତମ ତୀର୍ଥଙ୍କର ମହାବୀରଙ୍କ ଜୟନ୍ତୀ ଅବସରରେ ସୋମବାର ଝାରସୁଗୁଡ଼ା ଜୈନ ସମାଜ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଝଣ୍ଡା ଛକ ସ୍ଥିତ ଜୈନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ରଥରେ ଭଗବାନ ମହାବୀରଙ୍କ ଏକ ଫଟୋଚିତ୍ର ସହିତ ଏକ ଦୋଳିରେ ମହାବୀରଙ୍କ ବାଳ ସ୍ୱରୂପକୁ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରା ଝଣ୍ଡା ଚୌକ ଜୈନ ମନ୍ଦିରରୁ ବାହାରି ମଙ୍ଗଳ ବଜାରରୋଡ୍, ବାଳିକା ବିଦ୍ୟାଳୟରୋଡ୍ ଦେଇ ପୁଣି ମୁଖ୍ୟରାସ୍ତା ଦେଇ ମୋହିନୀରୟାଲ୍ ପର୍ଯ୍ୟନ୍ତ ଯାଇଥିଲା। ବାଟରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ପୂଜା କରିଥିଲେ। ବରୁଣ ଜୈନଙ୍କ ବାସଭବନ ଏବଂ ମଙ୍ଗଳ ବଜାର ରୋଡ୍ ସ୍ଥିତ ଅନିଷ ଜୈନ ଓ ଜିନେନ୍ଦ୍ର ଜୈନଙ୍କ ବାସଭବନ ସମ୍ମୁଖରେ ଶୋଭାଯାତ୍ରାରେ ସାମିଲ ଲୋକଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଡାକ୍ତର ପ୍ରଭାତ ଜୈନ, ଦିନେଶ ଜୈନ, ଜିନେନ୍ଦ୍ର ଜୈନ, ଅଶୋକ ଜୈନ, ଆନନ୍ଦ ଜୈନ, ଅନିଷ ଜୈନଙ୍କ ସମେତ ଜୈନ ସମାଜ ଓ ଅନ୍ୟାନ୍ୟ ସମାଜର ଶତାଧିକ ଜନସାଧାରଣ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

# ଅଡ଼ଗାଁ ସମବାୟ ସମିତିର ବାର୍ଷିକୋତ୍ସବରେ ରକ୍ତଦାନ ଶିବିର

**ବରଗଡ଼, ୩୦।୩(ସମିସ):** ବରଗଡ଼ ବ୍ଲକ ଗାଇସୀମା ପଞ୍ଚାୟତ ଅଧୀନ ମାଳିପାଲି ଗାଁ ଠାରେ ଅଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାଷୀଙ୍କୁ ନେଇ ବାର୍ଷିକ ବୈଠକ ସମିତିର ସଭାପତି ଅଶ୍ୱିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଅଞ୍ଚଳର ବୀର ସହିଦ ରଞ୍ଜନ ଦାଶଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି, ନିରବ ପ୍ରାର୍ଥନା କରାହୋଇଥିଲା। ସମିତି ତରଫରୁ ଋଣ ଲଗାଣ ଋଣ ଅସୁଲି ବିଷୟରେ ଆଲୋଚନା ହୋଇଥିଲା। ଶ୍ରେଷ୍ଠ ୧୦ ଚାଷୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଡଗାଁ ପାକ୍ସର ସମ୍ପାଦକ ଜଗବନ୍ଧୁ କଲତା, ପ୍ରଶାନ୍ତ ପୁଝାରୀ, ସଞ୍ଜୀବ ପାତ୍ର, ସୁରେନ୍ଦ୍ର ସାହୁ, ଡାଇରେକ୍ଟର କ୍ଷୀରୋଦ୍ର ସାହୁ ମଞ୍ଚାସୀନ ଥିଲେ। ଅଡଗାଁ ପ୍ରାଥମିକ କୃଷି ସମବାୟ ସମିତି ଓ ନିଷ୍ଠା ପରିବାରର ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ସମିତିର ସଭାପତି ଶ୍ରୀ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଜଗବନ୍ଧୁ କଲତା, ଡାଇରେକ୍ଟର କ୍ଷିରୋଦ୍ର ସାହୁ ଶୁଭାରମ୍ଭ କରିଥିଲେ। ଶିବିରରୁ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ମୋଟ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ସମିତିର ସଭାପତି ଶ୍ରୀ ତ୍ରିପାଠୀ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ ଶିବିରକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ଓ ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତିର କର୍ମଚାରୀ ମାନେ ପରିଚାଳନା କରିଥିଲେ। ନିଷ୍ଠା ପରିବାର ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।



## ୩୨ ୟୁନିଟ୍ ରକ୍ତ ସଂଗ୍ରହ

# ମାଁ ଶରଣୀପାଟ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଦେବଗଡ଼, ୩୦।୩(ସମିସ)**

ରିଆମାଳ ବ୍ଲକ ଅଧୀନ ପାଇକନଗର ଠାରେ ମାଁ ଶରଣୀପାଟ ରାଜ୍ୟସ୍ତରୀୟ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ସମ୍ବଲପୁର ସାଂସଦଙ୍କ ତିଳେଇବଣି ବ୍ଲକ ପ୍ରତିନିଧି ଯୋଗେଶ ପ୍ରଧାନ, ଯୁବନେତା ମାନସରଞ୍ଜନ ନାଥ, ୱାର୍ଡ ମେମ୍ବର ପଞ୍ଚାନନ ଭୁକ୍ତା, ହରେନ ବେହେରା ପ୍ରମୁଖ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରାଣବନ୍ଧୁ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଅମୃତ ଗଡ଼ନାୟକ, ସୁବ୍ରତ ସାହୁ ସନ୍ତୋଷ ଜେନା, ପୌଲସ୍ତି ପୋଇ, ପଦ୍ମନାଭ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ ଆଚାର୍ଯ୍ୟ, ତେନ୍ତଲବହାଲ ସରପଞ୍ଚ ବସନ୍ତ ବେହେରା, ତାବଡା ସେବା ସମବାୟ ସଭାପତି ଶରତ ସାହୁ, ବିଜେପି ଯୁବନେତା ସୁଧୀର ବ୍ରହ୍ମା ପ୍ରମୁଖ ଯୋଗ ଦେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଖେଳରେ ଫାଇନାଲ ଟାଇଗର ଏକାଦଶ ଦେବଗଡ଼ ଓ ବିଭୁ ୱାରିଅର ଶିମିଳିତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଟାଇଗର ଏକାଦଶ ଚାମ୍ପିଅନ ହୋଇଥିବା ବେଳେ ବିଭୁ ୱାରିଅର ଶିମିଳିତା ରନର୍ସ ଅପ ହୋଇଥିଲା। ଖେଳଗୁଡିକୁ ପ୍ରତୀକ ଭୁକ୍ତା, ସିପୁନ ଭୋଇ, କାହ୍ନା ବେହେରା, ଶ୍ରୀତମ ବେହେରା ଅମ୍ପାୟାର, ସ୍କୋରର ମିଥୁନ ମାଝୀ ଜଗବନ୍ଧୁ ଘଡେଇ ଓ ଭାଷ୍ୟକାର ଭାବେ ସାଇପ୍ରସାଦ ଗଡ଼ନାୟକ, ବଳିଆ ଘଡେଇ ଦାୟିତ୍ୱ ନିର୍ବାହ କରିଥିଲେ। କ୍ଲବ୍‌ର ସଭାପତି ଦେବାଶିଷ ପ୍ରଧାନ ଓ ସମ୍ପାଦକ ସଞ୍ଜିତ ସାହୁଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନାରେ ନରେଶ ବେହେରା, ଅପେକ୍ଷା ଅମାତ୍ୟ, ରାଜେନ୍ଦ୍ର ମାଝୀ, ରାଜେଶ ବେହେରା, ଆକାଶ ପ୍ରଧାନ, ରାହୁଲ ଦଳବେହେରା, ଅମୂଲ୍ୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଟାଇଗର ଏକାଦଶ ଚାମ୍ପିଅନ



## ଧର୍ମଗଡ଼ ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା

# ତହସିଲଦାରଙ୍କୁ ଭେଟି ଆଲୋଚନା କଲେ ବିଜେଡି କର୍ମକର୍ତ୍ତା

**ଧର୍ମଗଡ଼, ୩୦ ।୩(ସମିସ)**



କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ତହସିଲ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ସମ୍ପାଦନାରେ ଅହେତୁକ ବିଳମ୍ବ ଓ ମନ୍ଥରକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ସ୍କୁଲ ଓ କଲେଜଗୁଡ଼ିକରେ ନାମ ଲେଖାଇବା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରମାଣପତ୍ର ପାଇବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ଆଜି ବିଜୁ ଜନତା ଦଳ ପକ୍ଷରୁ ତହସିଲଦାରଙ୍କୁ ଭେଟି ଆଲୋଚନା କରାଯିବା ସହ ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଅଭିଯୋଗ ମତେ ବିଦ୍ୟାଳୟ ଓ କଲେଜ ମାନଙ୍କରେ ନାମଲେଖା ସମୟ ପାଖେଇ ଆସୁଥିବାରୁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଏବଂ ଆୟ ପ୍ରମାଣପତ୍ର ପାଇଁ ତହସିଲ ଅଫିସରେ ଭିଡ଼ ଜମୁଛି। ମାତ୍ର କାର୍ଯ୍ୟାଳୟର ମନ୍ଥର କାର୍ଯ୍ୟଶୈଳୀ ଯୋଗୁଁ ଆବେଦନକାରୀ ବିଭିନ୍ନ ସିଏସସି ସେଣ୍ଟରମାନଙ୍କରେ ଅନ୍‌ଲାଇନ କରିବା ସାଙ୍ଗକୁ ବାରମ୍ବାର ତହସିଲଦାରଙ୍କ କାର୍ଯ୍ୟାଳୟ ଯାଇ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ଏହା ସହିତ ଜମି ପଟ୍ଟା, ଅର୍ଡର ସିଟ୍ ଓ ଅନ୍ୟାନ୍ୟ ଜମିଜମା ସମ୍ବନ୍ଧୀୟ ଜରୁରୀ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଗରିବ ଲୋକେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ସୋମବାର ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଗଡ଼ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ସନ୍ତୋଷ ପାଢ଼ୀ ଓ ରତନ ନାଏକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସାମିଲ ହୋଇ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନଙ୍କ ସହ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜନସାଧାରଣ କିଭଳି ଶୀଘ୍ର ଏବଂ ସହଜରେ ସରକାରୀ ସେବା ପାଇପାରିବେ, ସେଥିପାଇଁ ଶ୍ରୀ ଲହଜଲ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି କର୍ମୀମାନେ କହିଛନ୍ତି ଯେ, ଯଦି ତହସିଲ କିମ୍ବା ପ୍ରଶାସନ ନିଜର କାର୍ଯ୍ୟଶୈଳୀରେ ସୁଧାର ନଆଣେ ଏବଂ ଲୋକଙ୍କ ସମସ୍ୟାର ସମାଧାନ ତୁରନ୍ତ ନହୁଏ, ତେବେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବା ସହ ବଡ଼ ଧରଣର ଗଣଆନ୍ଦୋଳନ କରିବ।

# କାଟିକୁଟା କେନାଲ କାମ ନିମ୍ନମାନର

**ଗୋଲାମୁଣ୍ଡା, ୩୦ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଫୋଇରିପାଣି ଠାରେ ଥିବା କାଟିକୁଟା ଯୋଜନାରେ ଥିବା କେନାଲକୁ ମରାମତି ପାଇଁ ସ୍ଥାନୀୟ ଗୋଲାମୁଣ୍ଡା, ଫୋଇରିପାଣି, ସିନାମାଲ ଅଞ୍ଚଳରେ ଚାଷ କରୁଥିବା ଶତାଧିକ ଚାଷୀ କ୍ଷୁଦ୍ର ଜଳ ବିଭାଜନ ବିଭାଗକୁ ଲିଖିତ ଜଣାଇବା ପରେ ସରକାର ତରଫରୁ କେନାଲକୁ ମରାମତି ପାଇଁ ମଞ୍ଜୁର ହୋଇ ଆସିଅଛି। କାଟିକୁଟା କେନାଲକୁ ମରାମତି କରାଯାଉ ଥିବା ସମୟରେ ଯନ୍ତ୍ରୀ ଅନୁପସ୍ଥିତରୁ ନିମ୍ନମାନର କାମ ହେଉଛି।ଏହାକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରୁଥିଲେ ସୁଧା ଯନ୍ତ୍ରୀ ଫୋନ ଉଠାଉ ନାହାଁନ୍ତି। ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଇବା କଥା କି କିନ୍ତୁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଲଗାଯାଇ ନାହିଁ। ଦାୟିତ୍ୱରେ ଥିବା ଯନ୍ତ୍ରୀ ଶୈଳେଶ କୁମାର ଧନବାରଙ୍କୁ ମତାମତ ନେବା ପାଇଁ ଯୋଗାଯୋଗ କଲେ ମଧ୍ୟ ଫୋନ ଉଠାଉ ନାହାଁନ୍ତି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। କାମ ଅତି ନିମ୍ନମାନର ହୋଇଥିବା ସମୟରେ ସିମେଣ୍ଟ କାମକୁ ପାଣି ଦିଆଯାଉ ନ ଥିବାରୁ କେତେକ ସ୍ଥାନରେ ଫାଟି ବାକୁ ଲାଗିଛି।



# ୨୬ ବର୍ଷୀୟ ଯୁବକ ନିଖୋଜ

**ଥୁଆମୂଳରାମପୁର, ୩୦ ।୩ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା କୁମ୍ଭାରକାନୀ ଗ୍ରାମର ଜଣେ ଯୁବକଙ୍କ ନିଖୋଜ ହେବା ଘଟଣା ଚିନ୍ତାର କାରଣ ହୋଇଛି। ଗ୍ରାମର ପବିତ୍ର ଖର୍ସେଲଙ୍କ ଦ୍ୱିତୀୟ ପୁତ୍ର ସୁଧୀର (୨୬) ଗତ ଫେବୃଆରୀ



୨୨ ତାରିଖରେ ଘରୁ ବାହାରିଥିଲେ। ସୂଚନା ମୁତାବକ ସୁଧୀର ନୂଆପଡ଼ା ଜିଲ୍ଲାର ଖଡିଆଲକୁ ହାଇୱା ଗାଡି ଚଳାଇବା ଉଦ୍ଦେଶ୍ୟରେ ଯାଇଥିଲେ। ସେଦିନ ସେ ସକାଳୁ ଘରୁ ବାହାରି ଏକ ଘରୋଇ ବସ୍‌ରେ ଯାତ୍ରା କରିଥିବା ବେଳେ, ସନ୍ଧ୍ୟା ସମୟରେ ଖଡିଆଳ ପହଞ୍ଚିଥିବା ସମ୍ବନ୍ଧରେ ଫୋନ୍ ଯୋଗେ ପରିବାରକୁ ସୂଚନା ଦେଇଥିଲେ। ଫେବୃଆରୀ ୧୪ ତାରିଖରେ ସେ ଏକ ଦୋକାନରୁ ଫୋନ୍ ପେ ମାଧ୍ୟମରେ ଟଙ୍କା ପଠାଇଥିବା ଉଲ୍ଲେଖ ରହିଛି। କିନ୍ତୁ ଫେବୃଆରୀ ୧୫ ତାରିଖ ଠାରୁ ତାଙ୍କର ମୋବାଇଲ୍ ଫୋନ୍ ରିଂ ହେଉଥିବା ସତ୍ୱେ ମଧ୍ୟ ସେ ଫୋନ୍ ଉଠାଉନଥିବା ଯୋଗୁଁ ପରିବାର ଲୋକେ ବିଭିନ୍ନ ଶଙ୍କା ଓ ଆଶଙ୍କାରେ ରହିଛନ୍ତି। ପରିବାରଲୋକ ଗତ ୨୭ ତାରିଖରେ ଥୁଆମୂଳରାମପୁର ଥାନାରେ ନିଖୋଜ ଅଭିଯୋଗ ଦାଖଲ କରିଛନ୍ତି। ଯୁବକଙ୍କ ସନ୍ଧାନ ପାଇଁ ପ୍ରୟାସ ଜାରି ରଖିଥିବା ସୂଚନା ଦେଇଛି ଥୁଆମୂଳରାମପୁର ପୁଲିସ।

# ବ୍ଲକ୍‌ସ୍ତରୀୟ ଯୁଗ୍ମଜନଶୁଣାଣି ଶିବିର

**କେସିଙ୍ଗା, ୩୦ ।୩ (ସମିସ):** କେସିଙ୍ଗା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୨ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୩ଟି ଓ ସାମୂହିକ ୯ ଟି ରହିଥିବା ବେଳେ ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଭତ୍ତା, ପାନୀୟଜଳ, ରାଶନକାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ସମାଜ କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ବିଦ୍ୟୁତ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ସମସ୍ୟାର ତୁରନ୍ତ ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ସବିତାଙ୍କ ପରିବାର



**କୋକସରା, ୩୦ ।୩ (ସମିସ):** ଦିର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଆବାସ ଯୋଜନାରେ ଗୃହ ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ, ଅଭିଯୋଗ ଓ ପ୍ରଶାସନକୁ ଗୁହାରି କରୁଛନ୍ତି କିନ୍ତୁ କାହାରି ଦୃଷ୍ଟି ପଡୁନାହିଁ। ଯାହାଫଳରେ ଶ୍ୱଶୁର ଅମଳର ଭଙ୍ଗା ଦଦରା ମାଟି କୁଡିଆରେ କୋକସରା ବ୍ଲକ ମହିମାପଞ୍ଚାୟତ ଭୂର୍ଷାଗୁଡ଼ା ଗ୍ରାମର ସବିତା ଧଙ୍ଗଡ଼ାମାଝୀଙ୍କ ପରିବାର ଜୀବନ ଅତିବାହିତ କରିଆସୁଛନ୍ତି। ତାଙ୍କର ଚାଳ ଛପର ଘର ହେତୁ ଘରଟି ପ୍ରତ୍ୟେକ ବର୍ଷ ବର୍ଷାରେ ଭାଙ୍ଗି ରୁଜି ଯାଇଥାଏ ଫଳରେ ପରିବାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ବର୍ଷା ଋତୁରେ ତାଙ୍କ ଦୁଃଖ ଦ୍ୱିଗୁଣିତ ହେଉଥିବା ପ୍ରକାଶ ପାଇଛି। ସବିତାଙ୍କ ଦୁଇ ପୁଅ, ଝିଅ ରହିଥିବା ବେଳେ ଉଭୟ ସ୍ୱାମୀ ସ୍ତ୍ରୀ ଅନ୍ୟ ଘରେ କୁଲି ମଜୁରୀ କଲେ ପରିବାର ଚଳେ। ଏଭଳି ପରିସ୍ଥିତିରେ ତାଙ୍କ ପାଇଁ ପକ୍କା ଘର ନିର୍ମାଣ କରିବା ସ୍ୱପ୍ନ ହୋଇଯାଇଛି। ଅନ୍ୟପଟେ ବିଗତ ଲଗାଣ ବର୍ଷାରେ ତାଙ୍କ ଘର ଭୁଶୁଡି ପଡ଼ିବାରୁ ରାଜସ୍ୱ ବିଭାଗ ପକ୍ଷରୁ ୩୦୦୦ ଟଙ୍କା ଆର୍ଥିକ ସହାୟତା ଓ ଘର ଢାଙ୍କିବା ପାଇଁ ଏକ ପଲିଥିନ ଦିଆଯିବ ବୋଲି କହିଥିଲେ। ହେଲେ ତାହା ମଧ୍ୟ ଦିଆଯାଇ ନଥିବା ପରିବାର ପକ୍ଷରୁ ଅଭିଯୋଗ ହେଉଛି। ତେବେ ସବିତା ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ହୋଇଥିବା ଓ ଦଦରା ଘରେ ଜୀବନ ଅତିବାହିତ କରୁଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୂଆପଡ଼ା, ୩୦ ।୩ (ସମିସ):** ନୂଆପଡ଼ା ଜିଲ୍ଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡାଙ୍କ ସ୍ତ୍ରୀ ପୂଜା ପଣ୍ଡା(୨୮)ଙ୍କ ମୃତଦେହ ନିବାସ ନିକଟସ୍ଥ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଥିବା ବେଳେ ସୋମବାର ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ହୋଇଛି। ପୁଲିସ ୯/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ୫ନମ୍ବର



ୱାର୍ଡରେ ହରିଶ୍ଚନ୍ଦ୍ର ପଣ୍ଡାଙ୍କ ଘର।ରବିବାର ରାତିରେ ତାଙ୍କ ଘର ସମ୍ମୁଖସ୍ଥ ଏକ ଗଛରେ ପୂଜାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ପୁଲିସ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ସୋମବାର ମଧ୍ୟାହ୍ନରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ ସଂସ୍କାର କେନ୍ଦ୍ରରେ ଦାହ କରାଯାଇଛି। ସଂସ୍କାର ସମୟରେ ହରିଶ୍ଚନ୍ଦ୍ରଙ୍କ ବଡ଼ ବାପା ତଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ଗୋଲଡି ଅଗ୍ରୱାଲ, ନିଶାନ୍ତ ଡାଗାଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ପୁଲିସର ତଦନ୍ତ ଜାରି ରହିଥିବା ଥାନାଧିକାରୀ ଗଙ୍ଗାଧର ମେହେର କହିଛନ୍ତି।

# ଚୈତ୍ର ମାସରେ ଘଣ୍ଟ ଯାତ୍ରା

**ଥୁଆମୂଳରାମପୁର, ୩୦ ।୩(ସମିସ):** ଚୈତ୍ର ମାସ ଆସିବା ସହିତ ଓଡ଼ିଶାର ପୁରପଲ୍ଲୀରେ ଦେଖାଯାଉଛି ଭକ୍ତିର ଅଦ୍ଭୁତ ପରିବେଶ। ସବୁଠି ମା'ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ନେଇ ଉତ୍ସବମୁଖର ହୋଇଉଠିଛି ଗାଁ ଦାଣ୍ଡ। ଗ୍ରାମଦେବୀ ମା'ଠାକୁରାଣୀଙ୍କ ଏହି ପାର୍ବଣ ମାସରେ କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁର ବ୍ଲକର ପ୍ରତ୍ୟେକ ଗାଁରେ ଏହି ଉତ୍ସବ ଗାଁରେ ସୃଷ୍ଟି କରିଛି ଭକ୍ତିମୟ ପରିବେଶ। ଗାଁର ପ୍ରତ୍ୟେକ ପଡ଼ାରେ ଶୁଣିବାକୁ ମିଳୁଛି ଘଣ୍ଟ ହୁଳହୁଳିର ଧ୍ୱନି, ଢୋଲ ଓ ନିଶାନର ତାଳ। ଭକ୍ତମାନେ ମା'ଠାକୁରାଣୀଙ୍କ ନାମ ଜପ କରି ଭକ୍ତିର ସ୍ରୋତରେ ଭାସୁଛନ୍ତି। ମହିଳାମାନେ ମୁଣ୍ଡରେ କଳସ ବୋହି ଶୋଭାଯାତ୍ରାରେ ଯୋଗ ଦେଉଥିବା ବେଳେ, ଯୁବକମାନେ ନୃତ୍ୟ ଓ ବାଦ୍ୟରେ ପରିବେଶକୁ ଆହୁରି ଉତ୍ସବମୟ କରୁଛନ୍ତି। ଘଣ୍ଟ ଯାତ୍ରା କେବଳ ଏକ ଧାର୍ମିକ ପାର୍ବଣ ନୁହେଁ, ଏହା ଗାଁର ସମ୍ମିଳିତ ସଂସ୍କୃତି ଓ ପାରମ୍ପରିକତାର ଜୀବନ୍ତ ଉଦାହରଣ। ପ୍ରତ୍ୟେକ ଘରରେ ପୂଜାର୍ଚ୍ଚନା ହେଉଥିବା ବେଳେ ଗାଁର ମନ୍ଦିର ଗୁଡ଼ିକରେ ବିଶେଷ ପୂଜା ଓ ଭୋଗର ବ୍ୟବସ୍ଥା କରାଯାଉଛି। ଚୈତ୍ର ମାସର ପବିତ୍ର ସମୟରେ



ଲୋକମାନେ ମାଙ୍କ କୃପା ଲାଭ ପାଇଁ ଉପବାସ ଓ ନିଷ୍ଠାର ସହିତ ପୂଜା କରୁଛନ୍ତି। ଗାଁ ଦାଣ୍ଡରେ ରଙ୍ଗିନ ଆଲୋକ ସଜାଣ, ମଣ୍ଡପ ଓ ଭକ୍ତିମୟ ସଙ୍ଗୀତ ସମଗ୍ର ପରିବେଶକୁ ଅନନ୍ୟ ରୂପ ଦେଉଛି। ବୃଦ୍ଧ ଠାରୁ ଶିଶୁ ପର୍ଯ୍ୟନ୍ତ ସମସ୍ତେ ପାର୍ବଣରେ ଭାଗ ନେଇ ଆନନ୍ଦ ଉପଭୋଗ କରୁଛନ୍ତି।

# ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ

**ଗୋଲାମୁଣ୍ଡା, ୩୦ ।୩ (ସମିସ):** ଗୋଲାମୁଣ୍ଡାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ୨୮ ତାରିଖରେ ରୀତିନୀତି ଅନୁସାରେ କଳସ ଯାତ୍ରା ସମାପନ ହୋଇଥିଲା। ନାମଯଜ୍ଞ ୩୧ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ୮ଟି ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରି ନାମ ପରିବେଷଣ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୁର୍ଗେସର ରଣା ଓ ତାଙ୍କ ପତ୍ନୀ ଦମୟନ୍ତୀ ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜା ପରିଚାଳନା କମିଟିର ସଭାପତି ଭାବରେ ସତ୍ୟନାରାୟଣ ବିଶି, ଉପସଭାପତି ପିଣ୍ଟୁ ଅଗ୍ରୱାଲ, ସମ୍ପାଦକ ରାଜାରାମ ଶବର ସହସମ୍ପାଦକ ଗଙ୍ଗା ବିଷ୍ଣୁ ମୁଣ୍ଡ କୋଷାଧକ୍ଷ ଅନାଦି ରାଉତ ସହକୋଷାଧକ୍ଷ ଘନଶ୍ୟାମ ନାଏକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜକ ଶୁକଦେବ ମୁଣ୍ଡ ଏବଂ ଜପକ ଖିରୋଦ ପାଣିଗ୍ରାହୀ ନିର୍ବାହ କରିଛନ୍ତି। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ସହଯୋଗରେ କାର୍ଯ୍ୟକ୍ରମ ହେଉଛି।



## ନୂଆପଡ଼ା କବାଡି ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ପୁରୁଷରେ ଯୋଗେଶ୍ୱର ବୁଲ୍ସ, ମହିଳାରେ ସାତସୁର ଦଳ ଚାମ୍ପିଅନ



**ନୂଆପଡ଼ା, ୩୦ ।୩(ସମିସ):** ଜିଲ୍ଲାର ସଦରମହକୁମାସ୍ଥିତ ପୁଲିସ ପଡ଼ିଆରେ ଚାଲିଥିବା ନୂଆପଡ଼ା କବାଡି ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଯୋଗେଶ୍ୱର ବୁଲ୍ସ ଦଳ ଉମେଶ ୟୁମ୍ବାକୁ ହରାଇ ଚାମ୍ପିଅନ ହୋଇଛି।ନୂଆପଡ଼ା କବାଡି ପ୍ରିମିୟର ଲିଗ ପୁରୁଷ ବିଭାଗରେ ୮ ଟି ଦଳ ଓ ମହିଳା ବିଭାଗରେ ୪ ଟି ଦଳ ଭାଗ ନେଇଥିଲେ। ପୁରୁଷ ବିଭାଗର ଫାଇନାଲ ମ୍ୟାଚ୍ ଉମେଶ ୟୁମ୍ବା ଓ ଯୋଗେଶ୍ୱର ବଲ୍ସ ମଧ୍ୟରେ ହେଇଥିଲା। ଯୋଗେଶ୍ୱର ବୁଲ ଉମେଶ ୟୁମ୍ବା କୁ ୨୧-୧୬ ରେ ପରାସ୍ତ କରିଥିଲେ ଓ ଦ୍ୱିତୀୟ ସଂସ୍କରଣରେ ଚାମ୍ପିଅନ ହୋଇଥିଲେ। ସେହିପରି ମହିଳା ବିଭାଗରେ ସାତସୁର ସରସ୍ୱତୀ ଓ ନେସନାଲ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ସାତ ସୁର ନେସନାଲ ହାଇସ୍କୁଲକୁ ପରାସ୍ତ କରି ପ୍ରଥମ ସଂସ୍କରଣରେ ବିଜୟ ହେଇ ଇତିହାସ ସୃଷ୍ଟି କରିଥିଲେ। ଜିଲ୍ଲା କବାଡି ଖେଳାଳି ସଂଘ ସଭାପତି ହରିଶ କୁମାର ଅହିରଙ୍କ ନେତୃତ୍ୱରେ ଆୟୋଜିତ ଦ୍ୱିତୀୟ ନୂଆପଡ଼ା କବାଡି ପ୍ରିମିୟର ଲିଗ ସଫଳ ହେଇଥିଲା। କବାଡି ଖେଳାଳି ସଂଘ ସଭାପତି ହରିଶ ଅହୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଏସ୍‌ପି ଅମ୍ରିତ ପାଲ ସିଂ, ସିଆରପିଫ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋଶ, ସରୋଜ କୁମାର ସାହୁ, ଅବନୀ ରଞ୍ଜନ ଯୋଷୀ, ଘନଶ୍ୟାମ ଭୋଇ, ରବୀନ୍ଦ୍ର ମଙ୍ଗରାଜ, କମଲେଶ ଠାକୁର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ଶଙ୍କର ଶତନାମି, ମୁକେଶ ଶବର, ପ୍ରବୀଣ ଆର୍ୟ, ଦେଉକୁମାର ଦଣ୍ଡସେନା ଗୋବିନ୍ଦ ରାଉତ, ପିଣ୍ଟୁ ଅହୀର, ତରୁଲତା ନାଗ, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ରବିଚାଷ ପଞ୍ଜୀକରଣରୁ ଚାଷୀ ବାଦ୍ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**କୋକସରା, ୩୦ ।୩(ସମିସ):** ଇନ୍ଦ୍ରାବତୀ ଉଠା ଜଳସେଚନ ଅଞ୍ଚଳର ଚାଷୀମାନେ ଚଳିତ ବର୍ଷ ରବି ଚାଷ ଧାନ ବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଯାହାଫଳରେ କୋକସରା ବ୍ଲକ ସମେତ ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ସାକ୍ଷାତ କରି ଧାନ ବିକ୍ରି ଲାଗି ଅନଲାଇନ୍ ପଞ୍ଜିକରଣ ଖୋଲିବା ଓ ଅବଧି ବୃଦ୍ଧି କରିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି।ସୂଚନା ଅନୁସାରେ, ଚଳିତ ରବି ଋତୁରେ କୋକସରା ବ୍ଲକର ପ୍ରାୟ ୧୫ ଟି ପଞ୍ଚାୟତର ବିଭିନ୍ନ ଗାଁର ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୯୮୩୨.୪୮ ହେକ୍ଟର ଜମିରେ ଧାନ ଚାଷ କରିଥିବା ସୂଚନା ରହିଛି। ତେବେ ଧାନ ବିକ୍ରି ଲାଗି ଗତ ୧୦ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଥିଲା। ଉକ୍ତ ସମୟ ସୀମା ମଧ୍ୟରେ ପୋର୍ଟାଲ ଠିକ୍ ଭାବେ ଖୋଲି ନଥିବା ଓ ଉଠା ଜଳସେଚନ ବିକଳ୍ପ ଆସୁ ନଥିବାରୁ ଚାଷୀମାନେ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦେଖି ବ୍ଲକ ଉପାଧ୍ୟକ୍ଷ ଶ୍ରୀଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଆଲୋଚନା କରିବା ସହିତ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଓ ସଚିବମାନଙ୍କୁ ମଧ୍ୟ ସାକ୍ଷାତ କରି ସମସ୍ୟା ବିଷୟରେ ଅବଗତ କରିଥିବା ଜଣାପଡ଼ିଛି।

# ପୋଖରୀବନ୍ଧ ମାଁ ବୁଢ଼ୀ ଠାକୁରାଣୀଙ୍କ ଘଣ୍ଟ ଯାତ୍ରା



**ଲାଞ୍ଜିଗଡ଼, ୩୦ ।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ସ୍ଥିତ ପୋଖରୀବନ୍ଧ ଗାଁରେ ମାଁ ବୁଢ଼ୀ ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଁ ହିରାନୀଳା ଷ୍ଟୋନ୍ କ୍ରସର ପକ୍ଷରୁ ରମେଶ ସାହୁ ଯୋଗଦେଇ ନୃତ୍ୟ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବକଟପୁର ଗାଁ ଗୌନ୍ତିଆ ବିକ୍ରମାଦିତ୍ୟ ବାରିକ, ସମାଜସେବୀ କର୍ଣ୍ଣ ମାଝୀ, ପୋଖରବନ୍ଧ ଗାଁ ଗୌନ୍ତିଆ ଭାଗିରଥୀ ବାଣୁଆ, ସମାଜସେବୀ ସନାତନ ବିଶି, ତିରୁପତି ପାତ୍ର, କାର୍ତ୍ତିକ ବାଣୁଆ, ପରମା ପଧାନୀ କୁଳମଣୀ ବାଣୁଆ, ଭବାନୀଶଙ୍କର ବାଣୁଆ ପ୍ରମୁଖ ଉପସ୍ଥିତ ରହି ନୃତ୍ୟ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା ଶଙ୍କର ପ୍ରଧାନୀ କରିଥିବା ବେଳେ ଉଗ୍ରସେନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଖୋରୀବନ୍ଧର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଜାତୀୟ ଚିତ୍ରକଳା କର୍ମଶାଳା

# ତୂଳୀ ଓ କାନଭାସରେ ଜୀବନ ଭରୁଥିଲେ ଶିଳ୍ପୀ

**ଭବାନୀପାଟଣା, ୩୦ ।୩(ସମିସ)**




ଆଇକେନ ଟ୍ରଷ୍ଟ ଆନୁକୂଲ୍ୟରେ ତଥା ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂକଳାହାଣ୍ଡି ବନବିଭାଗ ଉତ୍ତରଖଣ୍ଡ ଭବାନୀପାଟଣାଙ୍କ ସହଯୋଗରେ ଜାତୀୟ ଚିତ୍ରକଳା କର୍ମଶାଳା ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ଆଇକେନ ଟ୍ରଷ୍ଟ ଅଧକ୍ଷା ଅଜୟ ମିଶ୍ର ଉପାଧ୍ୟକ୍ଷ ଶିଳ୍ପୀ ତରୁଣ କୁମାର ମହାପାତ୍ର ଓ ସମ୍ପାଦକ ଅଭିଜିତ ମିଶ୍ରଙ୍କ ଉଦ୍ୟମରେ ଜାତୀୟସ୍ତରରେ ୨୫ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ।କଳାହାଣ୍ଡି ଉତ୍ତର ବନଖଣ୍ଡ କାର୍ଯ୍ୟାଳୟ କନଫରେନ୍ସ ହଲରେ ଅନୁଷ୍ଠିତ ସମଗ୍ର ଭାରତରୁ ଆସିଥିବା ଚିତ୍ରଶିଳ୍ପୀଙ୍କ ମଧ୍ୟରେ ରଙ୍ଗଯିବ ରାୟ, ସମ୍ପା ଦାସ, ସୁଭଦ୍ରା ଆଚାର୍ଯ୍ୟ, ଦେବ୍ୟ ଦାସ, ଅମର ଜ୍ୟୋତି ଦିଗଲ, ସତ୍ୟ ରଞ୍ଜନ ସାହୁ, ଶିଳ୍ପୀ ରାମ ସଞ୍ଜୟ କୁମାର ସାହୁ ମନୋଜ କୁମାର ଚୌଧୁରୀ, ଶିବ ଶଙ୍କର ସେଠି, ଶିଳ୍ପୀ ତରୁଣ ମହାପାତ୍ର, ସ୍ମିତା ଚୌଧୁରୀ, ଅଭିଜିତ ମିଶ୍ର, ସଂଗ୍ରାମ କେଶରୀ ସରାଫ, ରଘୁନାଥ ଠାକୁର, ମାନସ ରଞ୍ଜନ ପଣ୍ଡା, ମନୋଜ କୁମାର ରାଉତ, ଥବିର ପ୍ରସାଦ ଯାଦବ, ଏଲ.ଈଶ୍ୱର. ରାଓ, ମଦନ ସୁନ୍ଦର ରଣା, ସାମନ୍ତ ସୁନାନୀ, ଲିଙ୍ଗରାଜ ସାହୁ, ସାଇଶ୍ୱେତା ବେହେରା, ସୁସ୍ମିତା ସରାଫ, ଓ ଅପୂର୍ବା ପ୍ରିୟଦର୍ଶିନୀ ଭୋଇ ପ୍ରମୁଖ ଯୋଗ ଦେଇ ବନ୍ୟପ୍ରାଣୀ ଜଙ୍ଗଲ ଓ ପରିବେଶ ଆଧାରିତ ଚିତ୍ର ଆଙ୍କିଥିଲେ।ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଏଫଓ ଶ ଉମେଶ କୁମାର ବିଶୋଇ ଓ ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଆରସିସିଏଫ ସନ୍ତୋଷ ଯୋଷୀ କର୍ମଶାଳାର ଶୋଭା ବର୍ଦ୍ଧନ କରିଥିଲେ ବରିଷ୍ଠ ଚିତ୍ର ଶିଳ୍ପୀ ଅକ୍ଷୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ମିତା ଚୌଧୁରୀ କର୍ମଶଳାର ମଞ୍ଚ ପରିଚାଳନା କରିଥିଲେ କଳାହାଣ୍ଡି ମହାରାଜା ଓ ମହାରାଣୀ ତମାମ ଲେଖିକା ସଂଘର କର୍ମକର୍ତ୍ତା ଯୋଗଦେଇ ଥିଲେ।

